# ବର୍ଷାଦିନେ ସବୁଜ ଘାସ ଚାଷ

ଡାଃ. ବୀର କିଶୋର ପରିଡ଼ା
ସୂଚନା ଅଧିକାରୀ, ପଶୁ ପାଳନ ଓ ପଶୁ ଚିକିତ୍ସା, ନିର୍ଦ୍ଦେଶାଳୟ, କଟକ, ଓଡ଼ିଶା



ଆମ ରାଜ୍ୟ ତଥାଦେଶର ମୁଖ୍ୟ ଜୀବିକା ହେଉଛି କୃଷି । କୃଷି ସହିତ ପଶୁପାଳନ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଗୋଟିଏର ବ୍ୟତିରେକରେ ଅନ୍ୟଟିର ବିକାଶ ଅସମ୍ଭବ । ଉଭୟ ଆମ ଚାଷୀଭାଇଙ୍କର ଉତ୍ପାଦନଭିତ୍ତିକ ଅର୍ଥନୈତିକ ବିକାଶର ସୂତ୍ରଧାର କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷି ଓ କୃଷକ ଜୀବନର ବିକାଶ ନଘଟିଲେ ଦେଶର ପ୍ରଗତି ଅସମ୍ଭବ । ସୁସ୍ଥ ସମାଜ ଗଠନରେ ଗୋ-ସମ୍ପଦ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପ୍ରକୃତରେ କହିବାକୁ ଗଲେ ଯେଉଁ ଦେଶ ବା ରାଜ୍ୟ ଗୋ-ସଂପଦ ବିକାଶରେ ଯେତେଦୂର ବିକଶିତ, ସେ ଦେଶ ବା ରାଜ୍ୟ ସେତେ ମାତ୍ରାରେ ସମୃଦ୍ଧ । ଏହି ଗୋ-ସଂପଦରୁ ମୁଖ୍ୟତଃ ଆମେ ୨ ଗୋଟି ଜିନିଷ ପାଉଥାଉ । ଗୋଟିଏ ହେଉଛି ଆମ ଚାଷବାସପାଇଁ ସ୍ୱାସ୍ଥ୍ୟବାନ ବଳଦ ଏବଂ ଅନ୍ୟଟି ହେଉଛି ଦୁଗ୍ଧ ଉତ୍ପାଦନ ପାଇଁ ଗୋମାତା ବା ଗାଈ । ଶିଶୁଟି ମା' କ୍ଷୀର ଛାଡ଼ିଦେଲେ ତା'ର ବାର୍ଦ୍ଧକ୍ୟାବସ୍ଥା ବା ବଞ୍ଚିଥିବା ପର୍ଯ୍ୟନ୍ତ ଗାଈ ଦୁଗ୍ଧରେ ପ୍ରତିପାଳିତ ହୁଏ । ଯେଉଁଥିରେ କି ଏହି ଗୋମାତା ବିନା ସ୍ୱାର୍ଥରେ ତା'ର ପହ୍ନାରୁ କ୍ଷୀର ଅହରହ ନିର୍ଗତ କରି କେବଳ ବଞ୍ଚିବା ପାଇଁ ସର୍ବନିମ୍ନ ଖାଦ୍ୟ ଆବଶ୍ୟକତା କରିଥାଏ । ତେଣୁ ଗୋ ସଂପଦର ସୁରକ୍ଷା ସହିତ ସେମାନଙ୍କର ଉନ୍ନତି କାମନା କରିବାହେଉଛି ଆମର ଈଶ୍ୱରଙ୍କ ଠାରେ ବଡ଼ ସେବା । ସେହିପରି ବଳଦ ମଧ୍ୟ ସକଳ କୃଷି କାମରେ ନିୟୋଜିତ ହୋଇ ଆମ ଦେଶର ଖାଦ୍ୟଶସ୍ୟ ଉତ୍ପାଦନରେ ବିଶେଷ ସହାୟକ ହୋଇଥାଏ ।

ଗାଈଗୋରୁ ହେଉଛନ୍ତି ଏକ ତୃଣଭୋଜୀ ଗୃହପାଳିତ ପ୍ରାଣୀ । ତେଣୁ କଥାରେ ଅଛି ! 'ତୀରଣ ସୁନ୍ଦର ଗୋରୁ' । ଗାଈଗୋରୁ ମାନଙ୍କର ମୁଖ୍ୟ ଖାଦ୍ୟ ହେଉଛି 'ଘାସ' । ଏହି ଘାସ ଖାଇ ହଜମ କରିବାପାଇଁ ୪ ଚାମ୍ବର ବା କୋଠରୀ ବିଶିଷ୍ଟ ଏକ ସ୍ୱତନ୍ତ୍ର ପାକସ୍ଥଳୀ ଯଥା-ରୁମେନ୍, ରେଟିକୁଲମ୍, ଓମାଜମ୍ ଓ ଆବୋମାଜମ୍ ଆଦି ସୃଷ୍ଟି ହୋଇଛି । ଗୋରୁ ତନ୍ତୁଜାତୀୟ ଖାଦ୍ୟ ବା ଘାସକୁ ହଜମ କରାଇବାପାଇଁ ତନ୍ମଧ୍ୟରେ ସ୍ଥିତ ଅଣୁଜୀବ ଗୁଡିକ ସହାୟତା କରିଥାନ୍ତି । ଏହି ସବୁଜ ଘାସରେ ପ୍ରଚୁର ପରିମାଣର ଭିଟାମିନ୍-'ଜ' ର ମୌଳିକ ଉପାଦାନ ବିଟା-କାରୋଟିନ୍ ଓ ଧାତବଲବଣ ଯଥା-କ୍ୟାଲସିୟମ୍, ଫସ୍-ଫରସ୍, ଲୌହ, କପର, କୋବାଲଟ୍, ମ୍ୟାଗ୍ନେସିୟମ ଆଦି ନିହିତ ଥାଏ । ତେଣୁ ଦୁଧିଆଳୀ ଗାଈ ଘାସ ଖାଇଲେ ବେଶୀ କ୍ଷୀର ଦିଅନ୍ତି । ସେମାନଙ୍କର ପ୍ରଜନନ କ୍ଷମତା ବୃଦ୍ଧି ପାଇବା ସଂଗେସଂଗେ ଚର୍ମ ଚିକ୍କଣ ରହିବା ସହିତ ସ୍ୱାସ୍ଥ୍ୟବସ୍ଥା ମଧ୍ୟ ଭଲ ରୁହେ । ଗାଈମାନେ ଠିକ୍ ସମୟରେ ଗରମ ଆସି ଗର୍ଭବତୀ ହୋଇଥାନ୍ତି । ଗାଈକୁ ଘାସ ଖୋଇବା ଦ୍ୱାରା ଦାନା ଖର୍ଚ୍ଚ କମିଯାଏ । ତେଣୁ ଚାଷୀଭାଇମାନଙ୍କର ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମିଯିବା ସଂଗେ ସଂଗେ ବଶେଷ ଲାଭବାନ ହୋଇଥାନ୍ତି ।

ଆମ ଦେଶରେ ମୋଟ ଚାଷ ଜମିର ହାରାହାରି ୪.୯% ଜମି ସବୁଜ ଘାସଚାଷ ପାଇଁ ବ୍ୟବହୃତ ହେଉଛି । ଉତ୍ତରଭାରତ ଯଥା-ପଞ୍ଜାବ, ହରିୟାଣା ଭଳି ରାଜ୍ୟରେ ମୋଟ ଚାଷ ଉପଯୋଗୀ ଜମିର ୯% ଜମିରେ ଘାସ ଚାଷ କରି ସମଗ୍ର ଦେଶରେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିପାରିଛି । ସବୁଜ ଘାସର ମାନଦୃଷ୍ଟିରୁ ୨ ଭାଗରେ ବିଭକ୍ତ କରାଯାଇଥାଏ । କ) ତୃଣଜାତୀୟ ଶ୍ୱେତସାରଯୁକ୍ତ ଘାସ ଯଥା-ମକା, ବାଜରା, କୁଆର୍, ଏମ୍.ପି. ଚେରୀ, ମିଠାସୁଦାନ, ହାତିଆ ଘାସ, ଗିନି ଘାସ, ପାରା ଘାସ ଇତ୍ୟାଦି । ଖ) ଛୁଇଁ ଜାତୀୟ ପୁଷ୍ଟିସାରଯୁକ୍ତ ଘାସ ଯଥା-ବରସିମ୍, ଲୁସର୍ଣ୍ଣ, ବରଗୁଡ଼ି, ଗୁଁଆର ଇତ୍ୟାଦି ।

ବର୍ଷର ବିଭିନ୍ନ ଋତୁ ଅନୁଯାୟୀ ଘାସ ଚାଷ କରାଯାଇଥାଏ । ଋତୁ ବା ସମୟାନୁବର୍ତ୍ତୀ ଅନୁସାରେ ସବୁଜ ଘାସକୁ ୨ ଭାଗରେ ବିଭକ୍ତ କରାଯାଏ । ସେଗୁଡିକ ହେଲା - କ) ଋତୁକାଳୀନ ଘାସ-ଯଥା-ବରସିମ୍, ବରଗୁଡ଼ି, ଲୁସର୍ଣ୍ଣ, ଗୁଆଁର, ମକା, ବାଜରା, ମିଠାସୁଦାନ ଇତ୍ୟାଦି । ଖ) ସବୁଦିନିଆ ଘାସ ଯଥା-ହାତିଆ ଘାସ (ଏନ୍.ବି.-୨୧, ସି.ଓ.-୧) ଗିନିଘାସ, ପାରା ଘାସ ।

ଖରିଫ୍ ଋତୁରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବାହର ପ୍ରାରମ୍ଭରେ ଅର୍ଥାତ୍ ଜୁନ୍ ଓ ଜୁଲାଇ ମାସରେ ନିମ୍ନଲିଖିତ ଘାସ ଚାଷ ସହଜରେ କରାଯାଇ ଅଧିକ ଘାସ ଅମଳ କରାଯାଇପାରିବ । ସେଗୁଡିକ ହେଲା-ହାତିଆ ଘାସ, ଗିନି ଘାସ, ପାରା ଘାସ, ମକା, ବାଜରା, କୁଆର୍ , ଦୀନନାଥ, ଏମ୍.ପି. ଚେରୀ, ମିଠା ସୁଦାନ, ବରଗୁଡ଼ି, ଗୁଆଁର ଇତ୍ୟାଦି ।

**ମୃତ୍ତିକା ଓ ଜଳବାୟୁ :** ଉଚ୍ଚା ନିଗିଡ଼ା ବାଲିଆ ଦୋରସା ଜମିରେ ହାତିଆ ଘାସ, ଗିନି ଘାସ, ମକା, ବାଜରା, କୁଆର ଘାସ ଚାଷ କରିବା ବିଧେୟ । ପାଣି ଜମୁଥିବା ସନ୍ତସନ୍ତିଆ ସ୍ଥାନମାନଙ୍କରେ ପାରା ଘାସ ରୋପଣ କରିବା ଉତ୍ତମ ଅଟେ । ବାଲିଆ, ଦୋରସା ମାଟିରେ ବରଗୁଡ଼ି, ଗୁଆଁର, ଦୀନନାଥ ପ୍ରଭୃତି ଘାସ ଚାଷ କଲେ ଭଲ । ଉଷ୍ମ ଓ ଆର୍ଦ୍ର ଜଳବାୟୁ ସବୁଦିନିଆ ଓ କେତେକ ଋତୁକାଳୀନ ଘାସ ଚାଷପାଇଁ ଅନୁକୂଳ ଅଟେ । ଜଳବାୟୁ ଓ ମାଟିର ଉଷ୍ମତା ଦୃଷ୍ଟିରୁ ବର୍ଷା ଓ ଖରାଦିନେ ସବୁଦିନିଆ ଘାସ ଚାଷରୁ ଅଧିକ ଅମଳ ମିଳେ ।

**ଜମି ପ୍ରସ୍ତୁତି :** ହାତିଆ ଓ ଗିନି ଘାସ ଚାଷ ପାଇଁ ପ୍ରଥମେ ୩/୪ ଓଡ଼ ଗଭୀର ଚାଷ କରିବାକୁ ପଡ଼ିଥାଏ । ତା'ପରେ ଜମିକୁ ମଇ ଦେଇ ସମତୁଲ କରାଯାଏ । ଏହି ଜମିରେ ମାଟି ସମତୁଲ ହେଲାପରେ ମନ୍ଦାଗୁଡିକ ଧାଡ଼ିକୁ ଧାଡ଼ି ୩ ଫୁଟ ଏବଂ ଗଛକୁ ଗଛ ୨ ୧/୨ ଫୁଟ୍ ବ୍ୟବଧାନରେ ଗର୍ତ୍ତ ଖୋଳିବାକୁ ହୁଏ । ତାପରେ ଆବଶ୍ୟକ ଖତସାର ଦିଆଯାଏ । କିନ୍ତୁ ପାରାଘାସ ପାଇଁ ଜମିହୁଡ଼ା, କେନାଲ ବା ପୋଖରୀ ବନ୍ଧ, ସନ୍ତସନ୍ତିଆ ବା ପାଣି ଜମୁଥିବା ସ୍ଥାନମାନଙ୍କରେ ପୋତି ଦେଲେ ତାହା ଆପେଆପେ ମାଡ଼ିଯାଏ । ମକା, ବାଜରା, କୁଆର, ମିଠା ସୁଦାନ, ଏମ୍.ପି. ଚେରୀ, ବରଗୁଡ଼ି ଇତ୍ୟାଦି ପାଇଁ କେବଳ ମାଟି ବା ଜମିକୁ ୩/୪ ଓଡ଼ ହଳ କରି ମାଟିକୁ ଗୁଣ୍ଡ କରିବାକୁ ପଡ଼ିଥାଏ । ଚାଷ ସମୟରେ ମାଟିରୁ ସମସ୍ତ ଅନାବନା ଘାସ ବାଛି ବାହାର କରିବା ଦରକାର ।

**ଖତସାର :** ସବୁଦିନିଆ ଘାସ ଜମିରେ ୪-୫ ବର୍ଷ ପର୍ଯ୍ୟନ୍ତ ରହୁଥିବାରୁ ଅଧିକ ଖତସାର ଦରକାର କରିଥାଏ । ମନ୍ଦା ଗୁଡିକରେ ବା ଜମିରେ ଏକର ପିଛା ୧୦/୧୨ ଶଗଡ଼ ବା ୪ ଟ୍ରାକ୍ଟରେ ବୁଲି ଗୋବର ଖତ ବା କମ୍ପୋଷ୍ଟ ଦିଆଯାଏ । ଏଥି ସହିତ ଏକର ପ୍ରତି ୧୦୦ କେ.ଜି. ସିଙ୍ଗଲ୍ ସୁପର୍ ଫସ୍‌ଫେଟ ଓ ୧୫ କେ.ଜି. ପଟାସ ସାର ଦେବାକୁ ହୁଏ । ପ୍ରଥମ ଲଗାଇବାର ୩୦ ଦିନ ମଧ୍ୟରେ ଓ ପ୍ରତିଥର ଘାସ ଅମଳ ହେଲାପରେ ଏକର ପିଛା ୫୦ କେ.ଜି. ୟୁରିଆ ସାର ପ୍ରୟୋଗ କରାଯାଏ । ଗୁହାଳର ଆବର୍ଜନା ମିଶା ପାଣି ଓ ଗୋରୁ ମୂତ୍ର ପାରାଘାସ କିଆରୀରେ ଦେଲେ ଭଲ ଘାସ ହୁଏ । ଅନ୍ୟାନ୍ୟ ଘାସ ଯଥା- ମକା, ବାଜରା, କୁଆର ଇତ୍ୟାଦି ପାଇଁ ୫-୧୦ ଶଗଡ଼ ଗୋବର ଖତ ଦରକାର । ଚାଷ ପୂର୍ବରୁ ଏହାକୁ ବିଛାଇ ଜମିଚାଷ କରାଯାଏ । ମଞ୍ଜି ବୁଣିବା ପୂର୍ବରୁ ୬୦ କେଜି ଆମୋନିୟମ୍ ସଲ୍‌ଫେଟ୍ ଜମିରେ ପୟୋଗ କରନ୍ତୁ । ଗଛର ଉଚ୍ଚତା ଆଣ୍ଠୁଏ ପର୍ଯ୍ୟନ୍ତ ବା ୩ ସପ୍ତାହ ହୋଇଗଲେ ଆଉ ୬୦ କେଜି ଆମୋନିୟମ୍ ସଲ୍‌ଫେଟ୍ ସାର ଜମିରେ ପକାନ୍ତୁ । ବରଗୁଡି, ଗୁଆଁର ବୁଣିବା ପୂର୍ବରୁ ୫ ଶଗଡ଼ ଗୋବରଖତ ଓ ୨୫ କେଜି ଆମୋନିୟମ୍ ସଲ୍‌ଫେଟ୍ ସାର ଏକରପିଛା ଜମିରେ ପ୍ରୟୋଗ କରନ୍ତୁ ।

**ବିହନ ଆବଶ୍ୟକତା :** ଏକର ପିଛା ହାତିଆ ଘାସ ପାଇଁ - ୫,୦୦୦ ମୂଳ ବା କାଣ୍ଡ, ଗିନିଘାସ - ୪,୦୦୦ ମୂଳ, ପାରା ଘାସ -୧୦,୦୦୦ କାଣ୍ଡ ଏବଂ ମକାପାଇଁ ମଞ୍ଜି - ୨୦କେଜି, ଏମ୍.ପି. ଚେରୀ ବା କୁଆର - ୧୨ରୁ୧୫ କେଜି, ବାଜରା - ୧୦ କେଜି, ବରଗୁଡ଼ି -୧୨ରୁ୧୬ କେଜି, ଗୁଆଁର ପାଇଁ - ୧୬ କେଜି ମଞ୍ଜି ଦରକାର । ବର୍ଷବ୍ୟାପୀ ଘାସର କାଣ୍ଡ ବା ମୂଳ ଗୁଡିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନରେ ଲଗାଯାଏ । ମକା, ଏମ୍.ପି. ଚେରୀ, ବାଜରା, ବରଗୁଡ଼ି ଓ ଗୁଆଁର ବିହନକୁ ଧାଡ଼ି ଧାଡ଼ି କରି କିମ୍ବା ଛାଟି କରି ବୁଣନ୍ତୁ । ନେପିଅର୍, ଗିନି ଓ ପାରା ଘାସର ପ୍ରତି ଖଣ୍ଡରେ ୨/୩ ଟି ଗଣ୍ଠିଥିବା ଦରକାର । ପ୍ରତି ମନ୍ଦାରେ ୨ ଖଣ୍ଡ କରି ଲଗାଇଲେ ଭଲ । ତେଣୁ ଏକର ପିଛା ୧୦ ହଜାର ମୂଳ ବା ଖଣ୍ଡର ଆବଶ୍ୟକତା ପଡ଼ିଥାଏ ।

ଛଅ ରୁ ଆଠ ଲିଟର ଦୁଗ୍ଧ ଦେଉଥିବା ଗାଈକୁ ୨୫ ରୁ ୩୦ କେ.ଜି. କଞ୍ଚା ସବୁଜ ଘାସ ଖାଇବାକୁ ଦେଲେ ଆଉ ଦାନାର ଆବଶ୍ୟକତା ପଡ଼େ ନାହିଁ । ଦାନା ଦିଆ ଯାଉଥିବା ଗାଈକୁ ଦୈନିକ ୮ ରୁ ୧୦ କେ.ଜି. ସବୁଜ ଘାସ ଯୋଗାଇ ଦେବା ଉଚିତ୍ । କଥାରେ ଅଛି,

"ଗାଈ ମୁହଁରେ ଦେଲେ ଘାସ
କ୍ଷୀର ଦୁହିଁବ ବାର ମାସ ।"